# ODM PUBLIC SCHOOL

**SESSION :7**
**CLASS : V**
**SUBJECT : ଓଡିଆ**
**CHAPTER UMBER:03**
**CHAPTER NAME : ଶୁଖିଲା ପତ୍ରର କଥା**
**SUBTOPIC :କଠିନ ଶବ୍ଦର ଅର୍ଥ**

# LEARNING OBJECTIVE

ଗୁରୁକୁଳ ଶିକ୍ଷା ବିଷୟରେ ଜାଣିବା  ।

# ଶୃଙ୍ଖଳା ପତ୍ରର କଥା

ନନ୍ଦକିଶୋର ସିଂହ

ପୂର୍ବକାଳରେ ଶିଷ୍ୟମାନେ ଗୁରୁଙ୍କ ଆଶ୍ରମରେ ରହି ବେଦଉପନିଷଦ ଆଦି ନାନାବିଧ ଶାସ୍ତ୍ର ଅଧ୍ୟୟନ କରୁଥିଲେ। ଶାସ୍ତ୍ର ଅଧ୍ୟୟନ ସହିତ ଆଶ୍ରମରେ ହୋମ ପାଇଁ ସମିଧ ସଂଗ୍ରହ କରିବା,ଆଶ୍ରମର ଗାଈଗୋରୁଙ୍କୁ ନେଇ ନିକଟବର୍ତ୍ତୀ ଜଙ୍ଗଲରେ ଚରାଇବା,ଆଶ୍ରମବାସୀଙ୍କ ନିମନ୍ତେ ଫଳମୂଳ ସଂଗ୍ରହ କରିବା ଇତ୍ୟାଦି କାର୍ଯ୍ୟ ମଧ୍ୟ କରୁଥିଲେ। ଏହାକୁ ଗୁରୁକୁଳ ଶିକ୍ଷା କୁହାଯାଉଥିଲା। ଶିକ୍ଷା ସମାପନ ପରେ ଶିଷ୍ୟମାନେ ଗୁରୁଙ୍କୁ ଦକ୍ଷିଣା ଦେଉଥିଲେ। ସେହିପରି ଏକ ଗୁରୁକୁଳରେ ଶିକ୍ଷା ଲାଭ କରୁଥିଲେ ଦୁଇଜଣ ଶିଷ୍ୟ। ଜଣଙ୍କର ନାମ ଶିଶିର ଓ ଅନ୍ୟ ଜଣଙ୍କର ନାମ ତୁଷାର। ଯଥାସମୟରେ ସେମାନଙ୍କର ଗୁରୁକୁଳ ଶିକ୍ଷା ଶେଷ ହେଲା। ଗୃହକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଶିଶିର ଓ ତୁଷାର ଗୁରୁଙ୍କୁ ସାକ୍ଷାତ କଲେ।

ODM PUBLIC SCHOOL

# ଶବ୍ଦାର୍ଥ

ନାନାବିଧ- ବିଭିନ୍ନ ପ୍ରକାର
ଅଧ୍ୟୟନ –ପଢ଼ିବା
ସମିଧ –ହୋମକାଠ
ସମାପନ –ଶେଷ
ପ୍ରତ୍ୟାବର୍ତ୍ତନ –ଫେରିବା

ODM PUBLIC SCHOOL

# ଶୃଖ୍ଲା ପତ୍ରକଥା

ଗୁରୁଦକ୍ଷିଣା ଦେବାପାଇଁ ନିଜ ନିଜର ଅଭିଳାଷ ଜଣାଇଲେ। ଶିଷ୍ୟ ଦୁହିଁଙ୍କର ନିଷ୍ଠାରେ ଗୁରୁ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ। ସେମାନଙ୍କ ପାଖରୁ କୌଣସି ଦକ୍ଷିଣା ଗ୍ରହଣ କରିବା ପାଇଁ ଗୁରୁ ଅନିଚ୍ଛା ପ୍ରକାଶ କଲେ। ଏଥିରେ ଶିଷ୍ୟ ଦୁହିଁଙ୍କର ମନ ବୁଝିଲା ନାହିଁ । ଗୁରୁଦକ୍ଷିଣା ନ ଦେଇ ଗୁରୁକୁଳରୁ ବିଦାୟ ନେବେ କିପରି ? ତେଣୁ କିଛି ହେଲେ ଦକ୍ଷିଣା ଗ୍ରହଣ କରିବା ପାଇଁ ସେମାନେ ଗୁରୁଙ୍କୁ ଅନୁରୋଧ କଲେ । ଶିଷ୍ୟ ଦୁହିଁଙ୍କ କଥାକୁ ଗୁରୁ ଏଡାଇ ପାରିଲେ ନାହିଁ । କିଛି ସମୟ ଚିନ୍ତା କରି କହିଲେ,'ଠିକ ଅଛି,ତୁମେ ଦୁହେଁ ଯଦି ମୋତେ ଦକ୍ଷିଣା ଦେବା ନିମିତ୍ତ ଏତେ ଆଗ୍ରହୀ,ତେବେ କେତୋଟି ଶୃଖ୍ଲା ପତ୍ର ଦକ୍ଷିଣା ସ୍ୱରୂପ ଆଣି ମୋତେ ଦିଅ । କିନ୍ତୁ ମନେ ରଖ,ଏମିତି ପତ୍ର ଆଣିବ ଯାହାକି ଅନ୍ୟ କାହାର ଦରକାରରେ ଆସୁ ନ ଥିବ ।

ODM PUBLIC SCHOOL

# ଶବ୍ଦାର୍ଥ

ଅଭିଳାଷ –ଇଚ୍ଛା
ନିଷ୍ଠା –ଏକାଗ୍ରତା
ସନ୍ତୁଷ୍ଟ –ଖୁସି
ଅନୁରୋଧ –ଗୁହାରି
ନିମିତ୍ତ –ପାଇଁ

ODM PUBLIC SCHOOL

# ଗୃହକର୍ମ

କଷ୍ଟଶବ୍ଦ ଗୁଡିକୁ ଖାତାରେ ଲେଖ ।

ODM PUBLIC SCHOOL

# LEARNING OUTCOME:

ଗୁରୁକୁଳ ଶିକ୍ଷା ଓ ଗୁରୁଦକ୍ଷିଣା ।

# THANKING YOU

# ODM EDUCATIONAL GROUP